୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK  ପର୍ଯ୍ୟବେକ୍ଷକ

Vol.26 . No.161 Bhubaneswar Thursday August 01 2024 | ୨୬ତମ ବର୍ଷ ସଂଖ୍ୟା–୧୬୧ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୦୧, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ରାଜ୍ୟସଭାରୁ ଇସ୍ତଫା ଦେଲେ ବିଜେଡି ସାଂସଦ ମମତା ମହାନ୍ତ



ଭୁବନେଶ୍ୱର,୩୧ ।୭(ପି.ଏନ): ରାଜ୍ୟସଭାରୁ ଇସ୍ତଫା ଦେଲେ ବିଜେଡି ସାଂସଦ ମମତା ମହାନ୍ତ। ମମତାଙ୍କ ଇସ୍ତଫା ନେଇ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକଡ ସୂଚନା ଦେଇଛନ୍ତି। ୨୦୨୦ରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ମମତା। କୁଡୁମୀ ସଂପ୍ରଦାୟର ଟାଣୁଆ ନେତ୍ରୀ ମମତା ମହାନ୍ତ ପରିଚିତ ଥିଲେ। ରାଜ୍ୟସଭାରୁ ଇସ୍ତଫା ପରେ ବିଜେଡି ଉପରେ ଅସନ୍ତୋଷ ଝାଡିଛନ୍ତି ମମତା। ଏନେଇ ସୋଶାଲ୍ ମିଡିଆରେ ଲେଖିଛନ୍ତି।

## କେନ୍ଦ୍ରର ବଡ ଦାବି: ଭୂସ୍ଖଳନ ସମ୍ପର୍କରେ କେରଳକୁ ଆଗୁଆ କରାଯାଇଥିଲା ସତର୍କ

ଭୁବନେଶ୍ୱର,୩୧ ।୭(ପି.ଏନ): କେରଳର ୱାୟନାଡର ମୃତ୍ୟୁର ତାଣ୍ଡବ ଦେଖିବାକୁ ମିଳିଛି। ଭୂସ୍ଖଳନ ପରେ ସୃଷ୍ଟି ହୋଇଥିବା ଜଳ ପ୍ରଳୟ ୧୫୦ରୁ ଅଧିକ ଜୀବନ ନେଇ ସାରିଥିବା ବେଳେ ଏବେ ବି ୧୦୦ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ସେହିପରି ୨୦୦ରୁ ଅଧିକ ଲୋକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି ।ଏକାଧିକ ଗାଁ ଅଚାନକ ବନ୍ୟା ପାଣି ଯିବାରୁ କ୍ଷତିଗ୍ରସ୍ତ ହୋଇଛି। କିଛି ଅଞ୍ଚଳ ମଧ୍ୟ ପାଣିର ପ୍ରଖର ସ୍ରୋତରେ ପୂରା ବିଚ୍ଛିନ୍ନ ହୋଇଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ମାଟି ତଳୁ ଜୀବନର ସନ୍ଧାନ ଚାଲିଥିବା ବେଳେ ଭୂସ୍ଖଳନକୁ ନେଇ ବଡ ତଥ୍ୟ ଦେଇଛନ୍ତି କେନ୍ଦ୍ର ସରକାର।

## ପ୍ରଧାନମନ୍ତ୍ରୀ ମୋଦିଙ୍କ ବିରୋଧରେ ସ୍ୱାଧିକାର ନୋଟିସ ଆଣିଲା କଂଗ୍ରେସ



ଭୁବନେଶ୍ୱର,୩୧ ।୭(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଗୋଟିଏ ସ୍ୱାଧିକାର ଭଙ୍ଗ ନୋଟିସ ଲୋକସଭାରେ ଆଗତ କରାଯାଇଛି। କଂଗ୍ରେସ ସାଂସଦ ଚରଣଜିତ ସିଂହ ଚନ୍ନି ଏପରି ନୋଟିସ ଦେଇଛନ୍ତି ।ବିଜେପି ସାଂସଦ ଅନୁରାଗ ଠାକୁର ମଙ୍ଗଳବାର ଲୋକସଭାରେ କଂଗ୍ରେସ ସାଂସଦଙ୍କ ରାହୁଲ ଗାନ୍ଧିଙ୍କ ପ୍ରତି ଜାତିକୁ ନେଇ ଅପଶବ୍ଦ ପ୍ରୟୋଗ କରିଥିଲେ। ଅନୁରାଗ ଠାକୁରଙ୍କ ଉକ୍ତ ଜାତି ଭିତ୍ତିକ ବୟାନକୁ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଏକ୍ସରେ ସମର୍ଥନ କରି ଶେୟାରି କରିଥିଲେ। ଏହାକୁ ବିରୋଧ କରି କଂଗ୍ରେସ ପକ୍ଷରୁ ମୋଦିଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ ଅଣାଯାଇଛି।

## ଗୃହରେ ୯୫ ହଜାର କୋଟିର ଲେଖାନୁଦାନ ପାରିତ, ଆସନ୍ତା ଅଗଷ୍ଟ ୨୦ ତାରିଖ ଯାଏଁ ବିଧାନସଭା ମୁଲତବୀ

ଭୁବନେଶ୍ୱର,୩୧ ।୭(ପି.ଏନ): ମୋହନ ଚରଣ ମାଝୀଙ୍କ ପ୍ରଥମ ବିଧାନସଭା ଅଧିବେଶନରେ ୯୫ ହଜାର କୋଟି ଟଙ୍କାର ଲେଖାନୁଦାନ ପାରିତ ହୋଇଛି। ଗୃହକୁ ଆସନ୍ତା ଅଗଷ୍ଟ ୨୦ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ।

## ପାରାଦୀପ ପୋର୍ଟ ବଣିକ ସଂଘ ବିବାଦ- କୋର୍ଟଙ୍କ ରହିତାଦେଶ, ପୃଥକ ବୈଠକରେ ବ୍ୟବସାୟୀ

ପାରାଦୀପ,୩୧ ।୭(ପି.ଏନ): ପାରାଦୀପର ସର୍ବପୁରାତଣ ପାରାଦୀପ ପୋର୍ଟ ବଣିକ ସଂଘରେ ବିବାଦ ଚରମସୀମାରେ ପହଂଚିଲାଣି । ସଭାପତି ପଦ ହାତ ଛଡା ନହେବା ପାଇଁ ସଭାପତି ଅଦାଲତର ଆଶ୍ରୟ ନେଇଛନ୍ତି । ବୁଧବାର ଦିନ ବଣିକ ସଂଘ ପରିସରରେ ପୋଲିସ ଛାଉଣି ଦେଖିବାକୁ ମିଳିଥିବା ବେଳେ ସଂଘ ମଧ୍ୟକୁ ନପଶି ନିକଟସ୍ଥ ପଡିଆରେ ପୃଥକ ବୈଠକରେ ସାମିଲ ହୋଇଥିଲେ ଶତାଧିକ ବ୍ୟବସାୟୀ। ଘଟଣାରୁ ପ୍ରକାଶଯେ, ପାରାଦୀପ ପୋର୍ଟ ବଣିକ ସଂଘର ସଭାପତି ଭାବେ ସଂତୋଷ କୁମାର ପଟ୍ଟନାୟକ ଦାୟିତ୍ୱରେ ରହିଛନ୍ତି । ସଂଘର ତଥା ବ୍ୟବସାୟୀମାନଙ୍କର କୌଣସି ଉନ୍ନତି ନକରୁଥିବା ଅଭିଯୋଗ କରିଛନ୍ତି ଅସନ୍ତୁଷ୍ଟ ବ୍ୟବସାୟୀ।

## ଅଷ୍ଟମ ଦିନରେ ସପ୍ତଦଶ ବିଧାନସଭା ଅଧିବେଶନ, ଆଲୋଚିତ ହେଉଛି ବିଭିନ୍ନ ପ୍ରସଙ୍ଗ, ସୁରୁଖୁରୁରେ ଚାଲିଛି ପ୍ରଶ୍ନକାଳ

ଭୁବନେଶ୍ୱର,୩୧ ।୭(ପି.ଏନ): ଅଷ୍ଟମ ଦିନରେ ପହଞ୍ଚି ସାରିଛି ସପ୍ତଦଶ ବିଧାନସଭା ଅଧିବେଶନ । ଅଷ୍ଟମ ଦିନରେ ଆଜି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରୁଛନ୍ତି ବିଭିନ୍ନ କ୍ଷେତ୍ରରୁ ଆସିଥିବା ବିଧାୟକ । ପ୍ରଶ୍ନକାଳରେ ବିଭିନ୍ନ ପ୍ରକାର ପ୍ରଶ୍ନ ପଚାରୁଛନ୍ତି ବିପକ୍ଷ । ଏହାବାଦ ନିଜେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେ.ଭି ସିଂଦେଓ ଉତ୍ତର ରଖିଛନ୍ତି । କୃଷି ଓ କୃଷକ ସଶକ୍ତିକରଣଠୁ ଆରମ୍ଭ କରି ହସ୍ତଶିଳ୍ପ ପର୍ଯ୍ୟନ୍ତ ଅନେକ ବିଷୟ ଆଜି ବିଧାନସଭାରେ ଆଲୋଚନା ହେବାକୁ ଯାଉଛି । ଏତଦବ୍ୟତୀତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ଶକ୍ତି, ସମବାୟ, ମତ୍ସ୍ୟ ଓ ପଶୁ ସମ୍ପଦ ଭଳି ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡିକୁ ନେଇ ମଧ୍ୟ ପ୍ରଶ୍ନ ଉଠେଇ ପାରନ୍ତି ବିରୋଧୀ ।ସେପଟେ ଶୂନ୍ୟକାଳରେ ବିରୋଧୀ ବିଧାନସଭାରେ ଗର୍ଜିବାର ବି ସମ୍ଭାବନା ରହିଛି । ବିରୋଧୀଙ୍କ ପକ୍ଷରୁ ମୁଲତବୀ ପ୍ରସ୍ତାବ ଅଣାଯାଇପାରେ । ଏହି ସମୟରେ ବିଭିନ୍ନ ବିଲ ପାରିତ କରିବାର ପ୍ରୟାସରେ ରହିବେ ଓ ବିରୋଧୀ ବେଶ୍ ଗର୍ଜିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ସେପଟେ ୯୫ ହଜାର ଲେଖା ଅନୁଦାନକୁ ବ୍ୟୟ ମଞ୍ଜୁର ବିଲ ଜରିଆରେ ପାରିତ କରିବାର ସମସ୍ତ ବଳ ଲଗାଇବ ବିରୋଧୀ ।ଏହାବାଦ ଗୃହର କଂଗ୍ରେସ ବିଧାୟକ ତଥା ଭାଲୁ ଭାଇନା ତାରାପ୍ରସାଦ ବାହିନୀପତି ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଧାନ ଓ ଝୋଟ ଭଳି ଅର୍ଥକାରୀ ଫସଲ ପ୍ରସଙ୍ଗକୁ ନେଇ ମଧ୍ୟ କୃଷି ମନ୍ତ୍ରୀଙ୍କୁ ଜଳେଶ୍ୱର ବିଧାୟକ ପ୍ରଶ୍ନ କରିଛନ୍ତି । ଏହା ଉପରେ ମଧ୍ୟ କୃଷିମନ୍ତ୍ରୀ ଉତ୍ତର ରଖି ପଶ୍ଚିମବଙ୍ଗର କଥା କହିଥିଲେ । ଚିନିକଳର କଥା ଉଠାଇ କୃଷିମନ୍ତ୍ରୀ ସେ ସମୟର ସରକାରଙ୍କୁ କହିଥିଲେ । ଏହାବାଦ ୬ ଟି ଚିନିକଳ ଓଡିଶାରେ ଥିଲା ଓ ମାତ୍ର ୨ ଟି ଚିନିକଳ ଏବେ କାର୍ଯ୍ୟରତ ବୋଲି ଉପ-ମୁଖ୍ୟମନ୍ତ୍ରୀ ତଥା କେ.ଭି ସିଂଦେଓ ସେ ସରକାରଙ୍କୁ ଟାର୍ଗେଟ କରିଛନ୍ତି । ଆଜିର ବିଧାନସଭାରେ କୃଷି ଉପରେ ବିଶେଷ ଆଲୋଚନା ଜାରି ରହିଛି ।

## ମମତାଙ୍କୁ କାହିଁକି ଫେରାଇ ଆଣିଲା ବିଜେଡି ? ବଢ଼ିଲା ଚର୍ଚ୍ଚା



ଭୁବନେଶ୍ୱର,୩୧ ।୭(ପି.ଏନ): ବିଜେଡି ସାଂସଦ ମମତା ମହାନ୍ତ ଆଜି ରାଜ୍ୟସଭାରୁ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକର ଆଜି ଅପରାହ୍ନରେ ଗୃହକୁ ଏହି ସୂଚନା ଦେବା ପରେ ବିଜେଡି କାହିଁକି ଏଭଳି ନିଷ୍ପତ୍ତି ନେଲା ତାକୁ ନେଇ ପ୍ରଶ୍ନ ଉଠିଛି । ସାଧାରଣ ନିର୍ବାଚନରେ ବିପର୍ଯ୍ୟୟ ପରେ ବିଜେଡି ଦୁଇ ମହିଳା ସାଂସଦ ମମତା ମହାନ୍ତ ଓ ସୁଲତା ଦେଓଙ୍କୁ ଫେରାଇ ଆଣିପାରେ ବୋଲି ଚର୍ଚ୍ଚା ଜୋର ଧରିଥିଲା । ଯାହା ଆଜି ସତ ପ୍ରମାଣିତ ହୋଇଛି । ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକର ଆଜି ଅପରାହ୍ନରେ ଗୃହକୁ ସୂଚନା ଦେଇ କହିଥିଲେ ଯେ ଓଡିଶାରୁ ସାଂସଦ ମମତା ମହାନ୍ତଙ୍କ ଇସ୍ତଫାପତ୍ର ତାଙ୍କୁ ମିଳିଛି। ସେ ରାଜ୍ୟସଭା ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଶ୍ରୀ ଧନକରଙ୍କ ଏହି ଘୋଷଣା ପରେ ମମତାଙ୍କୁ କାହିଁକି ବିଜେଡି ଫେରାଇ ଆଣିଲା ଓ ତାଙ୍କୁ ଫେରାଇ ଆଣିବାରେ ଦଳର କେଉଁ ରଣନୀତି ରହିଛି ତାକୁ ନେଇ ନାନାଦି ଚର୍ଚ୍ଚା ଲାଗି ରହିଛି। ଏପଟେ ମମତା ମଧ୍ୟ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି।

## ଆଇଏଏସ ପଦ ହରାଇଲେ ପୂଜା, ଭବିଷ୍ୟତରେ ବି ଦେଇ ପାରିବେନି ପରୀକ୍ଷା



ଭୁବନେଶ୍ୱର,୩୧ ।୭(ପିଏନ):ବିବାଦରେ ଥିବା ଟ୍ରେନି ଆଇଏଏସ୍ ପୂଜା ଖେଡକରଙ୍କୁ ଶକ୍ତ ଝଟକା ଲାଗିଛି। ସେ ତାଙ୍କ ଆଇଏଏସ୍ ? ପଦ ହରାଇଛନ୍ତି। ପୂଜା ଏଣିକି ଆଉ ଆଇଏଏସ ନୁହନ୍ତି। ଆଜି ୟୁପିଏସ ତରଫରୁ ତାଙ୍କର ପ୍ରୋଭିଜନାଲ ପ୍ରାର୍ଥିତ୍ୱ ବା ଆଇଏଏସ୍ ମନୋନୟନକୁ ବାତିଲ କରି ଦିଆଯାଇଛି। ଏଥିସହ ତାଙ୍କୁ ଭବିଷ୍ୟତରେ କମିଶନ ପକ୍ଷରୁ ଆୟୋଜିତ ସମସ୍ତ ପରୀକ୍ଷାରୁ ବଞ୍ଚିତ କରାଯାଇଛି। ଏହାର ଅର୍ଥ ସେ ଆଉ ୟୁପିଏସସି ପରୀକ୍ଷା ଦେଇ ପାରିବେ ନାହିଁ। ନକଲି ପରିଚୟପତ୍ର ସହ ସେ ଏକାଧିକ ଥର ପରୀକ୍ଷାରେ ଅଂଶଗ୍ରହଣ କରିଥିବାରୁ ତାଙ୍କ ବିରୋଧରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

## କେରଳ ଜଳପ୍ରଳୟ ମୃତ୍ୟୁସଂଖ୍ୟା ୨୦୦ ଡେଇଁଲା, ଝୁଲୁ ବର୍ଷାରେ ଚାଲିଛି ଜୀବନ ଖୋଜା

ଭୁବନେଶ୍ୱର,୩୧ ।୭(ପି.ଏନ): କେରଳର ୱାୟନାଡରେ ହୋଇଥିବା ଭୟଙ୍କର ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୨୦୦ ପାର କରିଛି। ୱାୟନାଡର ମୁଣ୍ଡାକ୍କାଇ ଓ ଚୋରାରମାଲାରେ ଭୂସ୍ଖଳନ ପରେ ନଦୀ ଜଳ ଗାଁ ଭିତରେ ପଶି ମୃତ୍ୟୁର ତାଣ୍ଡବ ରଚିଛି ।ବର୍ତ୍ତମାନ ସୁଦ୍ଧା ୱାୟନାଡରେ ସୃଷ୍ଟି ହୋଇଥିବା ଜଳ ପ୍ରଳୟରେ ମୃତ୍ୟୁସଂଖ୍ୟା ୨୦୫ ଛୁଇଁଥିବା ରିପୋର୍ଟ ପ୍ରକାଶ ପାଇଛି। ଏବେ ବି ୨୦୦ରୁ ଅଧିକ ଲୋକ ମାଟି ତଳେ ଫସି ରହିଥିବା ଆଶଙ୍କା କରାଯାଉଛି ।ଉଦ୍ଧାର କାର୍ଯ୍ୟରେ ସେନା ବାହିନୀର ଯବାନଙ୍କ ଠାରୁ ଆରମ୍ଭ କରି ସନ୍ଧାନୀ କୁକୁର ନିୟୋଜିତ ହୋଇଛନ୍ତ। ସମସ୍ତେ ମାଟି ଓ ପଙ୍କ ତଳୁ ଜୀବନ ସନ୍ଧାନରେ ଲାଗିଛନ୍ତି। ଝୁଲୁ ବର୍ଷାରେ ବି ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଉଛି। କେରଳ ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ ଗୋଟିଏ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ ଭୂସ୍ଖଳନରେ ପ୍ରଭାବିତ ହୋଇଥିବା ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି।

## ଆବାସ ଗୃହରୁ ବଞ୍ଚିତ କ୍ୟାନସର୍ ପୀଡିତା ଦୀପ୍ତିବାଳା


ଜେନାପୁର,୩୧ ।୭(ପି.ଏନ): ଦୀର୍ଘ ଦିନ ଧରି ସରକାରଙ୍କ ଆବାସ ଯୋଜନାରେ ସାମିଲ ହେବାକୁ ଅପେକ୍ଷା କରି ରହିଛନ୍ତି ଗରିବ ସଦାଶିବ ମହାନ୍ତି । ଅସହାୟ,ଖଟିଖିଆ,ଭିନ୍ନକ୍ଷମ ଓ ଦାରିଦ୍ର୍ୟ ଶ୍ରେଣୀୟ ଲୋକମାନଙ୍କ ପାଇଁ ମାଳମାଳ ଯୋଜନା ପ୍ରଣୟନ ହୋଇଛି ସତ କିନ୍ତୁ ବାସ୍ତବରେ ଚିତ୍ର ଓଲଟା ଦେଖିବାକୁ ମିଳୁଛି ।ସରକାର ଙ୍କ ଯୋଜନା କୁ କିଛି ଅବହେଳିତ ଜନପ୍ରତିନିଧି ଓ ଅଧିକାରୀଙ୍କ ଦାଇତ୍ୱ ହୀନତା ଏବଂ ଅବହେଳା ପାଇଁ ଏହା ସଫଳ ରୂପାୟନ ହୋଇ ପାରୁନାହିଁ ।ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ପ୍ରକୃତ ଗରିବ ହିତାଧିକାରୀ ।ଯାହାଙ୍କ ପାଇଁ ନିନ୍ଦିତ ହେଉଛନ୍ତି ସରକାର । ପ୍ରକୃତ ହିତାଧିକାରୀ ଘର ଖଣ୍ଡେ ପାଇବାକୁ ବର୍ଷ ବର୍ଷ ଧରି ଅପେକ୍ଷା କରି ମଧ୍ୟ ଯୋଜନା ରେ ସାମିଲ ହେବାରୁ ବଞ୍ଚିତ ହେଉଛନ୍ତି । ସେହି ପରି ଏକ ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ତାଳଜଙ୍ଗ ପଞ୍ଚାୟତ ଅଧିନ ବଳରାମପୁର ଉପରଗଡ଼ ସଦାଶିବ ମହାନ୍ତି ଙ୍କ କ୍ଷେତ୍ରରେ । ପରିବାର କହିଲେ ସଦାଶିବ ଏବଂ ପତ୍ନୀ ଦୀପ୍ତିବାଳା ସହିତ ଛୁଆ ଦୁଇ ଜଣ। କ୍ୟାନସର ରୋଗ ରେ ପୀଡ଼ିତ ସଦାଶିବ ଙ୍କ ସ୍ତ୍ରୀ ଦୀପ୍ତିବାଳା ଗତ ୭ ବର୍ଷ ଧରି ଚିକିତ୍ସିତ ହେଉଛନ୍ତି। ମାଗଣା ରେ ଚିକିତ୍ସିତ ହେଉଛନ୍ତି ସତ ଖାଇବା ପିଇବା, ଯିବା ଆସିବା, ଆଦି ଖର୍ଚ୍ଚ ପାଇଁ ଧାର କରଜ କରି ନୟାନ୍ତ ହୋଇଗଲେଣି ।ଅଭାବ ଅସୁବିଧା ମାନସିକ ଯନ୍ତ୍ରଣା ସହିତ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଟଙ୍କା ଅଭାବ ରୁ ପିଲା ମାନଙ୍କୁ ଠିକ ରେ ପାଠ ପଢ଼ାଇ ପାରୁ ନାହାଁନ୍ତି ।ବାସ ଉପଯୋଗୀ ନ ହୋଇଥିଲେ ମଧ୍ୟ ବାଧ୍ୟ ହୋଇ ସଦାଶିବ ନିଜ ୪ ପ୍ରାଣୀ କୁଟୁମ୍ବ କୁ ନେଇ ସେଇ ଭଙ୍ଗା କୁଡ଼ିଆ ରେ ରହୁଛନ୍ତି ।ଆର୍ଥିକ ଅଭାବ ଯୋଗୁଁ ଘର ଛପର ନ କରି ପାରି ବହୁ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ସେ ରହୁଥିବା ଘର ଟି ବର୍ଷା ପାଣି ପଶି ଘର ର କାନ୍ଥରେ ପାଣି ପଡି ମାଟି କାନ୍ଥ ଫାଟି ଆଁ କରିବା ସହିତ ବିପଦ ସଂକୁଳ ଅବସ୍ଥାରେ ରହିଛି । କେତେବେଳେ ରାତ୍ରିରେ ପରିବାର ଶୋଇବା ସମୟରେ ଅଘଟଣ ନ ଘଟିବ କିଏ କହିପାରିବ । ଘରର ଛପର ଉଠି ଯାଇ ଥିବାରୁ ଘରେ ମାଙ୍କଡ଼ ପଶି ଯାଉଛନ୍ତି ।ସରକାର ଅସହାୟ, ଗରିବ ଲୋକଙ୍କ ପ୍ରତି ଆବାସ ଯୋଜନା ଯୋଗାଇ ଆସୁଥିଲା ବେଳେ କିନ୍ତୁ ବାସ୍ତବ କ୍ଷେତ୍ରରେ ସଦାଶିବ ଙ୍କ ପାଇଁ ଆବାସ ଯୋଜନା ଗୃହଟି ଦିଗ ହରା ହୋଇଯାଇଛି । ପରିବାର ଭଙ୍ଗା ମାଟି କୁଡିଆରେ ବିପଦର ସହିତ କାଳାତିପାତ କରିଆସୁଛନ୍ତି । ବର୍ଷା ଦିନେ ଘରେ ପାଣି ପଶି ଯିବାରୁ ରୋଷେଇ ବନ୍ଦ ହେବା ଯୋଗୁଁ ନ ଖାଇ ନ ପିଇ ରାତିରେ ଶୋଇବାକୁ ପଡ଼ ? । ତାଙ୍କର ଏହି ଅସୁବିଧା ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁ ନାହିଁ।

## ହୀରାକୁଦରେ ୨ଟି ଗେଟ ବନ୍ଦ, କଟକ ମୁଣ୍ଡଳିରେ କମିଲା ଜଳସ୍ତର



ଭୁବନେଶ୍ୱର,୩୧ ।୭(ପି.ଏନ): ହୀରାକୁଦରେ ୨ ଟି ଗେଟ ବନ୍ଦ ହୋଇଛି । ରବିବାର ପର୍ଯ୍ୟାୟକ୍ରମେ ୨୦ ଟି ଗେଟ ଖୋଲାଯାଇଥିଲା । ଆଉ ଏବେ ୨ ଟି ଗେଟ ବନ୍ଦ କରାଯାଇଛି । ଉପର ମୁଣ୍ଡରେ ଜଳ ପ୍ରବାହ କମିବାରୁ ଏହି ଦୁଇଟି ଗେଟକୁ ବନ୍ଦ କରି ଦିଆଯାଇଛି । ପ୍ରାୟ ୧ ଲକ୍ଷ ୫୭ ହଜାର ୨୭୨ କ୍ୟୁସେକ ଜଳ ଏବେ ହୀରାକୁଦରେ ପ୍ରବେଶ କରୁଛି । ଏହାବାଦ ୩ ଲକ୍ଷ ୯ ହଜାର ୭୪୦ କ୍ୟୁସେକ ବନ୍ୟାଜଳ ନିଷ୍କାସିତ ହେଉଛି ହୀରାକୁଦରୁ । ସକାଳ ପ୍ରାୟ ୬ ଟା ସୁଦ୍ଧା ହୀରାକୁଦରେ ଜଳସ୍ତର ୬୧୧.୮୫ ଫୁଟ ରହିଛି ।ସେପଟେ ହୀରାକୁଦର ଗେଟ ବନ୍ଦ ଫଳରେ କଟକ ମୁଣ୍ଡଳିର ଜଳସ୍ତର କମିବାର ଦେଖିବାକୁ ମିଳିଛି । ହୀରାକୁଦ ଗେଟ ବନ୍ଦ କାରଣରୁ ମୁଣ୍ଡଳିରେ ମହାନଦୀର ଜଳସ୍ତର କମି ପ୍ରାୟ ୪ ଲକ୍ଷ ୮୦ ହଜାର ୭୨ କ୍ୟୁସେକ ଜଳ ଏବେ ପ୍ରବାହିତ ହେଉଛି । ଆଗାମୀ ଦିନରେ ହୀରାକୁଦରେ ଆହୁରି ଗେଟ ବନ୍ଦ କରାଯାଇପାରେ ।

## ୫-ଟି ଯୋଜନାରେ ଦୁର୍ନୀତି ହୋଇଥିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଗଣଶିକ୍ଷା ମନ୍ତ୍ରୀ



ଭୁବନେଶ୍ୱର,୩୧ ।୭(ପି.ଏନ): ପୂର୍ବତନ ବିଜେଡି ସରକାରରେ ୫ଟି ଯୋଜନା ମାଧ୍ୟମରେ ହୋଇଥିବା କାମ ଉପରେ ମୋହନ ସରକାର ନଜର ରଖିଛନ୍ତି। କେନ୍ଦ୍ରାପଡାରେ ୫-ଟି ସ୍କୁଲରେ ହୋଇଥିବା ଦୁର୍ନୀତିର କାର୍ଯ୍ୟାନୁଷ୍ଠାନ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି, ଯଦି ୫-ଟି ସ୍କୁଲ ନାଁରେ କୌଣସି ଅନିୟମିତତା କି ଦୁର୍ନୀତି ହୋଇଥିବ, ତାହେଲେ ଏହା ବିରୋଧରେ ସରକାର ତଦନ୍ତ କରିବେ ଏବଂ ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ନେବେ। କେନ୍ଦ୍ରାପଡାରୁ ୫-ଟି ସ୍କୁଲ ରୂପାନ୍ତରୀକରଣ ନାଁରେ କୋଟିକୋଟି ଟଙ୍କା ମହାଲୁଟ୍ ଅଭିଯୋଗ ଆସିଛି ରଙ୍ଗ ମାରି ପାଖାପାଖି ୧୫୯ କୋଟି ଟଙ୍କା ଚଳୁ କରାଯାଇଥିବା କୁହାଯାଉଛି। ମୋ ସ୍କୁଲ୍ ଅଭିଯାନ, କର୍ପୋସ ଫଣ୍ଡ, ରାଜ୍ୟରେ ପ୍ରତ୍ୟକ ହାଇସ୍କୁଲର ରୁପନ୍ତରୀକରଣ ପାଇଁ ୪୫ ଲକ୍ଷ ଟଙ୍କା ଲେଖାଏଁ ଦିଆଯାଇଥିଲା। ହେଲେ ରଙ୍ଗ ମାରି ଟଙ୍କା ହରିଲୁଟ୍ କରାଯାଇଥିବା ବଡ ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ହେଡ୍ ?ମାଷ୍ଟରଙ୍କୁ ଚିଠି କରି ବ୍ଲକକୁ ଟଙ୍କା ନେଇ ଯାଉଥିଲେ। ନିର୍ମାଣ କାମ ମନଇଚ୍ଛା କରୁଥିଲେ ।କେବଳ କେନ୍ଦ୍ରାପଡା ଜିଲ୍ଲାର ୩୫୪ଟି ୫ଟି ସ୍କୁଲରୁ ଏପରି ଅଭିଯୋଗ ଆସିଛି ଯେ ଯୋଜନାର ସର୍ତ୍ତାବଳୀ ଅନୁସାରେ ୫ରୁ ୧୦ ପ୍ରତିଶତ, ସ୍କୁଲ ମେଂଟେନାନ୍ସ ବାବଦରେ ଖର୍ଚ୍ଚ ହେବ। ଦୁଇଟି ସ୍ମାର୍ଟ କ୍ଲାସ ରୁମ୍, ଗୋଟିଏ ସ୍ମାର୍ଟ ଲାଇବ୍ରେରି, ଗୋଟିଏ ସାଇନ୍ସ ଲ୍ୟାବ୍ କରାଯିବ । ଏହାର ଆନୁଷଙ୍ଗିକ ସ୍କୁଲ୍ କମିଟି ଓ ପ୍ରଧାନଶିକ୍ଷକ କିଣିବେ। ସ୍କୁଲର ମରାମତି, ଅନ୍ୟାନ୍ୟ ସିଭିଲ ୱାର୍କ ପାଇଁ ଏକ କମିଟି ଗଠନ ହେବ। ସ୍କୁଲ୍ କମିଟି, ଯାହା ଆବଶ୍ୟକ କରିବ ସେହି ଅନୁଯାୟୀ ଏଷ୍ଟିମେଣ୍ଟ ପ୍ରସ୍ତୁତ କରାଯିବ। ସେହି ଅର୍ଥରୁ ଅଳ୍ପ କିଛି ବ୍ଲକ୍ ଆକାଉଣ୍ଟକୁ ଦିଆଯିବ ଓ ବ୍ଲକ୍ କାମ କରିବ। କିନ୍ତୁ ଏଠି ହେଡମାଷ୍ଟରଙ୍କ ଆକାଉଣ୍ଟକୁ ଯେତିକି ଅର୍ଥ ଆସିଲା, ହେଡମାଷ୍ଟରଙ୍କୁ କୁହାଗଲା ସମସ୍ତ ପଇସା, ବ୍ଲକ୍ ଆକାଉଣ୍ଟ କୁ ଦେବା ପାଇଁ। ଏଣୁ ବ୍ଲକ୍ କରିବ କାମ । ହେଲେ କାମ କଣ ହେଲା, ଅନେକ ସ୍କୁଲରେ ଥିବା ପୁରୁଣା ଡେସ୍କ ବେଞ୍ଚରେ ରଙ୍ଗ ମାରି ନୂଆ ଦର୍ଶା ଗଲା । ପୁରୁଣା ଫ୍ୟାନ୍, ଯେଉଁଠି ଭଙ୍ଗା ଦଦରା କାନ୍ଥରେ ରଙ୍ଗ ମାରି ବିଲ କରାଗଲା ତ କେଉଁଠି ନିମ୍ନ ମାନର ଡେସ୍କ ବେଞ୍ଚ କିଣି ବିଲ କରାଯାଇଥିବା ଅଭିଯୋଗ ହୋଇଛି ।

## ଯୁବତୀଙ୍କ ଫଟୋ ରଖି ନିଶାର୍ଦ୍ଧରେ ଶ୍ମଶାନରେ କରୁଥିଲେ ତନ୍ତ୍ର ସାଧନା !




ଭୁବନେଶ୍ୱର,୩୧ ।୭(ପି.ଏନ): ନିଶାର୍ଦ୍ଧ ରାତି। ବର୍ଷା ରାଣୀର କଳା ଚାଦରରେ ଘୋଡେଇ ହୋଇଥିଲା ପୂରା ଆକାଶ। ଚାରିଆଡ ଖେଳି ଯାଇଥିଲା ନୀରବତା। ହେଲେ କିଟ ପତଙ୍ଗଙ୍କ ଚିଂ... ଚାଂ.. ଶବ୍ଦରେ ଶୂନ୍‌ଶାନ୍ ରାତିରେ ଭାଙ୍ଗି ଯାଉଥିଲା ନୀରବତା। ତାହାରି ଭିତରେ ଗାଁ ଶ୍ମଶାନରେ ଚାଲିଥିଲା ତନ୍ତ୍ର ସାଧନା! ସୁନ୍ଦରୀ ସୁନ୍ଦରୀ ଯୁବତୀଙ୍କ ଫଟୋ ରଖି ସିଦ୍ଧି ପାଇଁ ତନ୍ତ୍ର ସାଧନା କରୁଥିଲେ ତାନ୍ତ୍ରିକ। ଆଉ ତା’ପରେ... ।ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡ ବ୍ଲକ୍ କେଲୁଆପଲ୍ଲି ପଞ୍ଚାୟତ କେଲୁଅପଲ୍ଲ ଗାଁ ମଶାଣୀ। ରାତି ପ୍ରାୟ ୧୨ଟା ହେବ। ଶୂନ୍‌ଶାନ୍ ଥିଲା ରାସ୍ତାଘାଟ। ତାହାରି ଭିତରେ ଶଙ୍କର ମହାରଣା, ପୀଙ୍କୁ ମହାରଣା, ସନ୍ତୋଷ ଗୌଡ, ଖୋର୍ଦ୍ଧାର ବାଙ୍କେଶ୍ୱର ବାବା ଓ ପୁରୀରୁ ଆସିଥିବା ତାଙ୍କର କେତେକ ଶିଷ୍ୟଙ୍କୁ ଧରି ମଶାଣୀ କରୁଥିଲେ ତନ୍ତ୍ର ସାଧନା! ସୁନ୍ଦର ସୁନ୍ଦର ଯୁବତୀ ଓ ଯୁବକଙ୍କ ଫଟୋ ରଖି ସିଦ୍ଧି ପାଇବା ପାଇଁ କରୁଥିଲେ କରୁଥିଲେ ତନ୍ତ୍ର ସାଧନା। ଖପୁରୀ, ସିନ୍ଦୂର, କେଶ, ଛୁରୀ, ନଖ, ଚିରା ଲୁଗା, ହାଡ ଆଦି ରଖି ହୋମଯଜ୍ଞ କରୁଥିଲେ। ଧୂପ ଓ ଝୁଣା ଧୂଆଁରେ ଶ୍ମଶାନ ଆଖପାଖ ସୁଗନ୍ଧମୟ ହୋଇପଡିଥିଲା।








## ଟି ଟାଇମ୍



### ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

## ପୁରାଣ କାହାଣୀ


# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁ ଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋ ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ଆଜିର ଭାଗ୍ୟ



ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।



ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।



ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। ‘ହେନ ନା’ ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। ‘ହେନ ନା’ ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା’ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିଯୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନ୍‌କୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି । ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ । ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା । ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି । ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ । ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି । ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ । ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି । ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି । ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି ,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି । ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଊର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରି କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଲିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଟ କମାଣ୍ଡର ଗୌରବ ଜଗନାନୀ ମଲ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ,ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ' ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ପର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି । ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




## ମହୀଧରପଡ଼ା ରାସ୍ତା କାର୍ଯ୍ୟ ଅଧାରୁ ବନ୍ଦ !

ଫୁଲନଖରା (ପିଏନ୍)-କଟକ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ଉନ୍ନତିକରଣ କାର୍ଯ୍ୟ ଅଧାରୁ ବନ୍ଦ ହୋଇ ପଡ଼ି ରହିଛି । ତ୍ରିନାଥବଜାରଠାରୁ ୭କିଲୋମିଟର ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏକ ମିଟର ଲେଖାଏଁ ପ୍ରଶସ୍ତିକରଣ କରାଯିବାପାଇଁ ଟେଣ୍ଡର ହୋଇଥିଲା ଏବଂ ଉଭୟ ପାର୍ଶ୍ୱରେ ଥିବା ବେଆଇନ୍ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ପ୍ରସ୍ତାବ ଥିଲା। ମାତ୍ର ସମ୍ପୃକ୍ତ ଠିକାଦାର କେବଳ ତ୍ରିନାଥବଜାର ଜଳସମ୍ପଦ ବିଭାଗ ପାଚେରି ନିକଟ ଅବରୋଧକୁ ହଟାଇଥିଲେ ହେଁ ଆଉ କୌଣସି ସ୍ଥାନରେ ଏହା କରିନଥିଲେ। ଇତିମଧ୍ୟରେ ଉଚ୍ଛେଦ ହୋଇଥିବା ସ୍ଥାନରେ ପୁନର୍ବାର ଜବରଦଖଲ ଆରମ୍ଭ ହୋଇଥିବା ଦେଖାଯାଉଛି। ଅପରପକ୍ଷରେ ପ୍ରଶସ୍ତିକରଣ କାର୍ଯ୍ୟ ନଗରୀ ମୌଜା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହେବାପରେ ଉକ୍ତ କାର୍ଯ୍ୟ ସେହିଠାରେ ଅଟକି ରହିଛି। ଦୀର୍ଘଦିନ ହେଲା କାର୍ଯ୍ୟ ଆଉ ଆଗକୁ ଅଗ୍ରସର ହୋଇପାରୁନାହିଁ। ଏତଦ ସହିତ କେତେକ ସ୍ଥାନରେ ଗାର୍ଡ଼ୱାଲର ଜରୁରୀ ଆବଶ୍ୟକତା ଥିଲେ ହେଁ ସମ୍ପୃକ୍ତ ଠିକାଦାର ତାହାକୁ ଏଡ଼ାଇଦେଇଛନ୍ତି। ବ୍ୟସ୍ତବହୁଳ ଏହି ରାସ୍ତାର ସନ୍ତୋଳ ଛକଠାରୁ ଅବଶିଷ୍ଟ କାର୍ଯ୍ୟ ତୁରନ୍ତ ଶେଷ କରିବା ସହିତ ରାସ୍ତା ପାର୍ଶ୍ୱ ଖାଲୁଆ ଅଂଶରେ କଂକ୍ରିଟ ବନ୍ଧ କରିବାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

## ରଞ୍ଜିତାକୁ ଉଚ୍ଚଶିକ୍ଷା ପାଇଁ ସହାୟତାର ହାତ ବଢାଇଲା ଜିଲ୍ଲା ପ୍ରଶାସନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ ପେଟଛେଲା ପଞ୍ଚାୟତର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ରୀ ରଞ୍ଜିତା ନାୟକ ମାଟ୍ରିକ ପାସ କଲାପରେ ଆର୍ଥିକ ସମସ୍ୟା ଯୋଗୁଁ ଉଚ୍ଚଶିକ୍ଷା ଲାଭ କରିନପାରି ଘରେ ବସି ରହିଥିଲେ । ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶ ପାଇବା ପରେ ବାପା ମା ଛେଉଣ୍ଡ ଝିଅକୁ ଅଧିକ ପାଠ ପଢାଇବା ପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିଛି । ଜିଲ୍ଲା ମଙ୍ଗଳ ଅଧିକାରିଣୀ ମମତାରାଣୀ ପରିଡା ସ୍ୱତନ୍ତ୍ର ଆଗ୍ରହ ପ୍ରକାଶ କରି ତାକୁ ଡକାଇ ଭୁବନେଶ୍ୱରରେ ଥିବା ଏକ ଆବାସିକ ବିଶ୍ୱ ବିଦ୍ୟାଳୟରେ ପଢିବା ପାଇଁ ସୁଯୋଗ ଦେଇଛନ୍ତି । ପେଟଛେଲା ପଞ୍ଚାୟତର ଲୁଣମାଠିଆ ଗ୍ରାମର ଝିଅ ରଞ୍ଜିତା ନାୟକଙ୍କୁ କଲେଜରେ ନାମ ଲେଖା ଯିବା ସହିତ ତାକୁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାପଡିଛି ।

## ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତର ପରିଛଳସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୂଳର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଦ୍ୱିତୀୟ ଦିବସରେ ଗୁରୁକୁଳର ପ୍ରତିଷ୍ଠାତା ତଥା ଅଧ୍ୟାତ୍ମିକବାଦୀ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଇଂଜିନିୟର ପ୍ରିୟବ୍ରତ ଦାସ ମୁଖ୍ୟ ଅତିଥି, ବୈଦିକ ବିଦ୍ୱାନ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ, ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଓ ସହଦେବ ଶାସ୍ତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁରୁକୁଳ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରି ଉତମ ଚରିତ୍ର ଗଠନ ଓ ସ୍ୱାବଲମ୍ବୀ ହେବା ପାଇଁ ଯଥେଷ୍ଟ ସହାୟକ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ୫୧ କୁଣ୍ଡୀୟ ଯଜ୍ଞ ବେଦ ମନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟକ୍ରମ ହୋଇଥିବା ବେଳେ ଦୁଷ୍ମନ୍ତ ଭାଇ, ପ୍ରବୀର ଭାଇ, ଅଭୟ ଭାଇ, ସୁରେନ୍ଦ୍ର ଶାସ୍ତ୍ରୀ ଓ ଦୀପକ ଭାଇ ପ୍ରମୁଖ ସହଯୋଗ କରିଥିଲେ। ପରେ ଅସହାୟ ମହିଳାମାନଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଉଦଯାପିତ

ଖୋର୍ଦ୍ଧା(ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସାତଦିନ ଧରି ଚାଲିଥିବା ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ରବିବାର ପୂର୍ବାହ୍ନରେ ଉଦଯାପିତ ହୋଇଯାଇଛି । ଏ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷକ ଭାବରେ ଗଣେଶ୍ୱର ମିଶ୍ର,ଅକ୍ଷୟ କୁମାର ମହାପାତ୍ର, ରତିକାନ୍ତ କହଲସିଂହ, ଶ୍ରୀ ନିବାସ ମିଶ୍ର, ହରେକୃଷ୍ଣ ପାଣିଗ୍ରାହୀ, ନଳିନୀକାନ୍ତ ପଣ୍ଡା, ଗୋରାଚାନ୍ଦ ରାୟ, ଜ୍ୟୋତି ମଣ୍ଡଳ, ବିଜୟ କୁମାର ମହାପାତ୍ର, ସନ୍ତୋଷ କୁମାର ମହାପାତ୍ର, ସନ୍ଧ୍ୟାରାଣୀ ପ୍ରଧାନ, ନିରଂଜନ ମହାପାତ୍ର, ଭିକାରୀ ଚରଣ ମିଶ୍ର ଓ ସ୍ୱର୍ଣ୍ଣଲତା ମାହାପାତ୍ର ପ୍ରମୁଖ ଯୋଗଦେଇ ଶିଶୁ ମନ୍ଦିରର ଆଚାର୍ଯ୍ୟ/ଆଚାର୍ଯ୍ୟାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଆଜିର ଉଦଯାପନୀ ସମାରୋହରେ ଅନୁଷ୍ଠାନର ସଭାପତି ମାନସ ରଂଜନ ଦାଶଙ୍କ ପୌରୋହିତ୍ୟରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗର ସଭାପତି ଶିକ୍ଷାବିତ କୁଳମଣି ମିଶ୍ର ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀମାନେ ଆହରଣ କରିଥିବା ଜ୍ଞାନକୁ ଉପଯୋଗ କରି ଛାତ୍ରଛାତ୍ରୀ ମାନଙ୍କୁ ଉତମ ଭାବେ ପଢାଇବାରେ ସହାୟକ ହୋଇପାରିବ ବୋଲି ମତ ଦେଇଥିଲେ। ଏଥିରେ ସମ୍ପାଦକ ଶ୍ରୀକାନ୍ତ ବାହିନୀପତି, ସହ-ସମ୍ପାଦକ ବଂଶୀଧର ପାଣିଗ୍ରାହୀ, ଉପ-ସଭାପତି ରାଜଶ୍ରୀ ପଣ୍ଡା ପଣ୍ଡା ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ମନୋରଂଜନ ପଣ୍ଡା ପରିଚାଳନା କରିଥିଲେ ।

## ରଜ ମହୋତ୍ସବ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀ ଗ୍ରାମର ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଖେଳପଡିଆରେ ରଜ ମହୋତ୍ସବର ଆୟୋଜନ କରାଯାଇଛି। ଏ ନେଇ ଅଟ୍ରୀସ୍ଥିତ ପତିତପାବନ ମନ୍ଦିର ପରିସରରେ ସୁଧିର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ଥାନୀୟ ଅଂଚଳର ଯୁବପ୍ରତିଭାମାନେ ନିଜର କଳାକୌଶଳ ପ୍ରଦର୍ଶନ କରିବା ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମତ ପ୍ରକାଶ ପାଇଥିଲା । ଏଥିରେ ଚକ୍ରଧର ବେହେରା କଳ୍ପତରୁ ପଣ୍ଡା, ସୁଶାନ୍ତ ଜେନା, ଅନିଲ ଜେନା, ବାଦଲ ବେହେରା, ଭାଗିରଥି ଚମ୍ପତି ଓ ଲିଙ୍ଗରାଜ ଜେନା ପ୍ରମୁଖ ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିଲେ ।

## ଆନ୍ତର୍ଜାତୀୟ ମାନବ ଅଧିକାର ସୁରକ୍ଷା ସଙ୍ଗଠନର ବୈଠକ



ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସଦର ମହକୁମାସ୍ଥିତ ପର୍ଯ୍ୟଟନସ୍ଥଳୀ ବରୁଣେଇର ପାଦଦେଶରେ ଆର୍ନ୍ତଜାତୀୟ ସୁରକ୍ଷା ସଙ୍ଗଠନର ବୈଠକ ଅନୁଷ୍ଠିତ ହୋଇଥିଲା । ଏ ନେଇ ସଙ୍ଗଠନ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ନିକଟରେ ଶକୁନ୍ତଳା ମାର୍କେଟ କମ୍ପେକ୍ସ ନୂତନ ଭାବରେ କାର୍ଯ୍ୟାଳୟ ଖୋଲିବା ସହ କର୍ମକର୍ତା ଚୟନ କରାଯାଇଥିଲା। ଏହି ଅନୁଷ୍ଠାନ ବିଭିନ୍ନ କ୍ଷେତ୍ରରେ ଅବହେଳିତ ଅସହାୟ ଲୋକ ମାନଙ୍କୁ ଆଇନ ସେବା କ୍ଷେତ୍ରରେ ସଠିକ ନ୍ୟାୟ ପାଇବା ପାଇଁ କାର୍ଯ୍ୟ କରିବା ସହ ସ୍ଥାନୀୟ ଅଂଚଳ ସମେତ ସାମାଜିକ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସଙ୍ଗଠନକୁ ମଜଭୁତ କରିବେ ବୋଲି ନିଷ୍ପତି ନେଇଥିଲେ। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ମୀନକେତନ ପଟ୍ଟନାୟକ, ସର୍ବଭାରତୀୟ ଉପଦେଷ୍ଟା ପ୍ରତାପ ମିଶ୍ର, ଭୁବନେଶ୍ୱର ଟାଉନ ସଭାପତି ପଂଚାନନ ସାହୁ, ରାଜ୍ୟ ସଭାପତି ଜିତେନ୍ଦ୍ର ପାତ୍ର, ଜାତୀୟ ଗଣମାଧ୍ୟମ ସଂଯୋଜକ ସୁଧାଂଶୁ ଦେଓ, ଜାତୀୟ ପରାମର୍ଶଦାତା ଲକ୍ଷ୍ମଣ ଦାସ, ଜାତୀୟ ଉପଦେଷ୍ଟା କମାଣ୍ଡର ଲକ୍ଷ୍ମଣ ଦାସ, ରାଜ୍ୟ ସମ୍ପାଦକ କଲ୍ୟାଣ ମହାନ୍ତି, ରାଜ୍ୟ ମହିଳା ସମ୍ପାଦିକା ରେବତୀ ନାୟକ, ଖୋର୍ଦ୍ଧା ଜିଲ୍ଲା ସଭାପତି ଅବିନାଶ ନାୟକ, ଜିଲ୍ଲା ମହିଳା ସଭାପତି ସୁବ୍ରତା ବନ୍ଦୋପାଧ୍ୟାୟ, ଖୋର୍ଦ୍ଧା ଜିଲ୍ଲା ଉପଦେଷ୍ଟା ଦିବାକର ଭୋଇ, ବେଗୁନିଆ ବ୍ଲକ ସଭାପତି ବିଷ୍ଣୁ ଚରଣ ସାମନ୍ତରାୟ,ବ୍ଲକ ମହିଳା ସଭାପତି ଶାନ୍ତଲତା ରଣସିଂହ ଓ ସଭ୍ୟ ରୂପକାନ୍ତି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଦେବସ୍ନାନ ପୂର୍ଣ୍ଣିମାର ତାତ୍ପର୍ଯ୍ୟ

ଶ୍ରୀମନ୍ଦିରରେ ପାଳିତ ହେଉଥିବା ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ। ଏହା ଜ୍ୟେଷ୍ଠପୂର୍ଣ୍ଣିମା ତିଥିରେ ଅନୁଷ୍ଠିତ ହୁଏ। ଏହା ମଧ ଦେବସ୍ନାନ ପୂର୍ଣ୍ଣିମା ନାମରେ ବିଦିତ।

"ଜ୍ୟେଷ୍ଠମାସି ସିତେ ପକ୍ଷେ ପୌର୍ଣ୍ଣମ୍ୟାଂ ଜଗଦୀଶ୍ୱରମ୍ ।
ସ୍ନାପୟେତ୍ତୀର୍ଥତୋ ଯେନ ସର୍ବମଙ୍ଗଳ -ସିଦ୍ଧୟେ ॥"

ଏ ଜ୍ୟେଷ୍ଠ ପୂର୍ଣ୍ଣିମା ମଧ ଶ୍ରୀଜଗନ୍ନାଥଙ୍କ ଆବିର୍ଭାବ ଦିବସ ବୋଲି 'ନୀଳାଦ୍ରି ମହୋଦୟ' ଷଷ୍ଠ ଅଧ୍ୟାୟରେ ଲିପିବଦ୍ଧ ହୋଇଛି ।

"ସ୍ୱାୟଂ ଭୁବକୃତେ ତତ୍ର ଦର୍ଶେ ତବ ମଖାଞ୍ଚିତେ ।
ଅବତୀର୍ଣଃ ସ୍ୱୟଂ ଜ୍ୟେଷ୍ଠ୍ୟାଂ ତତ୍ର ଜନ୍ମଦିନଂ ମମ ।
ତତ୍ ପୌର୍ଣ୍ଣମୀ ଦିନେ ଭୂପ ସ୍ନାନଂ ମେ କାର୍ଯ୍ୟମାଦରାତ୍ ।
ମହାସ୍ନାନ ବିଧୌ ଉକ୍ତ୍ୟା ଯଥାବିଧି ମହୋତ୍ସବୈଃ ॥"

ଏହି ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ଜଗନ୍ନାଥ, ବଳଭଦ୍ର , ସୁଭଦ୍ରା ଓ ସୁଦର୍ଶନ ଇତ୍ୟାଦି ଚତୁର୍ଦ୍ଧାମୂର୍ତ୍ତିମାନଙ୍କୁ ପହଣ୍ଡିବିଜେରେ ଆନନ୍ଦ ବଜାର ସ୍ଥିତ ସ୍ନାନମଣ୍ଡପ ବା ସ୍ନାନବେଦୀ ଉପରେ ବିରାଜମାନ କରାଯାଏ । ଏଠାରେ ସ୍ନାନ କରାଇ ଗଜାନନ ବା ହାତୀବେଶ କରାଯାଏ । ଏଠାରେ ସୂଚନା ଯୋଗ୍ୟ ଯେ ପଞ୍ଚଦଶ ଶତାବ୍ଦୀରେ ମହାରାଷ୍ଟ୍ରରୁ ଆସିଥିବା ଶ୍ରୀ ଗଣପତି ଭଟ୍ଟଙ୍କୁ ଜିଉମାନେ ଏହି ଗଜାନନ ବେଶରେ ଦେଖାଦେଇଥିବାରୁ ତାଙ୍କରି ଉଦ୍ଦେଶ୍ୟରେ ସେବେଠୁ ଏହି ବେଶ ସ୍ନାନପୂର୍ଣ୍ଣିମା ଦିନ କରାଯାଏ । ଶ୍ରୀ ଭଟ୍ଟ ମହାଗଣ ପତ୍ୟ ସଂପ୍ରଦାୟର ଏବଂ ସେ ଜିଉମାନଙ୍କୁ ସେହି ବେଶରେ ଦେଖିବାକୁ ଇଚ୍ଛାକରିଥିଲେ । ଏହି ଗଜାନନ ବେଶ ପରେ ଭକ୍ତମାନଙ୍କୁ ଦର୍ଶନ ନିମନ୍ତେ ଛଡ଼ାଯାଏ । ଏ ସ୍ନାନଯାତ୍ରା ନିମନ୍ତେ କିଛି ବିଧି ନିଶ୍ଚିତ ଆଗରୁ କରାଯାଇଛି । ଏହି ବିଧିମତେ ଚତୁର୍ଦ୍ଧାମୂର୍ତ୍ତିମାନେ ସ୍ନାନ ମଣ୍ଡପରେ ଆସୀନ ହେଲାପରେ



ସୁବର୍ଣ୍ଣ କୂପରୁ ପବିତ୍ର ଜଳ ଆଣି ଜୀଉ ମାନଙ୍କୁ ସ୍ନାନ କରାଇ ଦିଆଯାଏ । ଏହି ଜଳରୁ ୩୫ ଗରା ଜଗନ୍ନାଥଙ୍କୁ, ୩୩ ଗରା ବଳଭଦ୍ରଙ୍କୁ, ୨୨ଗରା ସୁଭଦ୍ରାଙ୍କୁ ଏବଂ ୧୮ଗରା ସୁଦର୍ଶନଙ୍କୁ ଏହିପରି ୧୦୮ଗରା ଜଳରେ ସ୍ନାନ କରାଯାଏ । ସ୍ନାନପରେ ଗୋପାଳ ତୀର୍ଥମଠରୁ ଆସିଥିବା ଦୁଇବାଡ଼ ଓ ରାଘବ ଦାସ ମଠରୁ ଆସିଥିବା ଦୁଇ ବାଡ଼ ଉପକରଣରେ ଯଥାକ୍ରମେ 'ବଳଭଦ୍ର ଓ ସୁଦର୍ଶନ' ଓ 'ଜଗନ୍ନାଥ ଓ ସୁଭଦ୍ରା'ଙ୍କୁ ଗଜାନନ ବେଶରେ ବିଭୂଷିତ କରାଯାଏ । ଏହି ବେଶରେ ଶ୍ରୀ ବଳଭଦ୍ର ଧବଳ ବେଶରେ ଓ କଳାଗଣେଶ ରୂପରେ ଜଗନ୍ନାଥ ଶୋଭାପାଆନ୍ତି । ଏହାପରେ କର୍ପୂର ଓ ଚନ୍ଦନ ଲାଗି କରାଯାଇ ଭୋଗ ଲାଗି କରାଯାଏ ।ଏଠାରେ ସୂଚନାଯୋଗ୍ୟଯେ ଏହିଦିନ ମାତ୍ର ଗୋଟିଏ ଭୋଗ କରାଯାଏ । ଏଥି ଅନ୍ତେ ଭକ୍ତମାନଙ୍କୁ ଦର୍ଶନ ପାଇଁ ଅନୁମତି ଦିଆଯାଏ । ଏହାପରେ ରାତିରେ ଶ୍ରୀମନ୍ଦିରରେ ଜିଉମାନଙ୍କୁ ରତ୍ନ ସିଂହାସନ ଉପରେ ନ ବସାଇ ଏକାନ୍ତ ଭାବେ ଅଣସର ଘରେ ୧୫ ଦିବସାବଧି ଏବଂ ବିଧି ଅନୁଯାୟୀ ପୂଜା କରାଯାଏ । ଅଣସର ୧୫ ଦିନ ପାଇଁ ସର୍ବସାଧାରଣଙ୍କୁ ଜିଉ ମାନଙ୍କ ଦର୍ଶନ ନିଷେଧ କରାଯାଇଛି । ବାୟୁପୂରାଣରେ ଉଲ୍ଲେଖ୍ୟାନୁସାରେ:

"ତତଃ ପଞ୍ଚ ଦଶାହାନି ମମ ସ୍ନାନାଦନନ୍ତରମ୍ ।
ସ୍ୱରୂପାଂ ବା ବିରୂପାଂ ବା ନପଶ୍ୟେତ ପ୍ରତିମାଂ ମମ ॥"

ଅର୍ଥାତ୍ ମୋତେ କେହି ଏ ଅବସରେ ପନ୍ଦରଦିନ ଦର୍ଶନ କରିବେ ନାହିଁ। ଏହା ଜିଉମାନଙ୍କର ଗୋପନପୂଜା ।

ଅଣସର ଗୃହ ଏକ ଆବଦ୍ଧ ଗୃହ । ଏହି ଆବଦ୍ଧ ଘରେ ମାତ୍ର ଦୀପଟିଏ ଜଳୁଥାଏ । ଏଠାରେ କେବଳ ଦଇତା ସେବକମାନେ ଅର୍ଥାତ୍ ବିଶ୍ୱବସୁଙ୍କର ବଂଶଧର ସେବାକାର୍ଯ୍ୟ କରନ୍ତି । ବର୍ଷକ ୧୨ ମାସ ମଧ୍ୟରୁ ପତି ମହାପାତ୍ର ବା ବ୍ରାହ୍ମଣମାନଙ୍କ ସେବା ୧୧ମାସ ଏବଂ ଦଇତାମାନଙ୍କ ସେବା ଏକମାସ ଯାହାକି ଆଷାଢ଼ କୃଷ୍ଣ ପ୍ରତିପଦାରୁ ଗୁଣ୍ଡିଚାପରେ ପୁନଶ୍ଚ ନିଳାଦ୍ରୀ ବିଜେ ଯାଏଁ କରାଯାଏ । ଜଗନ୍ନାଥ ସର୍ବ ଧର୍ମର ସମନ୍ୱୟକାରୀ ଠାକୁର । ସେ ଜାତି ଓ ଧର୍ମର ଉର୍ଦ୍ଧ୍ୱରେ । ତାଙ୍କ ପାଖରେ ଛୁଆଁ ଅଛୁଆଁର କୌଣସି ଭେଦଭାବ ନାହିଁ । ସେ ଆର୍ଯ୍ୟର ଦେବତା ଏବଂ ଅନାର୍ଯ୍ୟର ଦେବତା । ଏଣୁ ଏହି ଅଣସର ସେବାକାର୍ଯ୍ୟରେ ଦଇତାପତିମାନଙ୍କର ଯେଉଁ ଅଧିକାର ଥାଏ, ଏହା ଆର୍ଯ୍ୟ ଅନାର୍ଯ୍ୟର ସଂସ୍କୃତିର ମିଳନକୁ ବୁଝାଏ ।

ଅଣସର ଦୁଇ ପ୍ରକାର : ସାଧାରଣ ଅଣସର ଯାହାକି ୧୫ଦିନ ପାଇଁ ପ୍ରତିବର୍ଷ ଗୁଣ୍ଡିଚାଯାତ୍ରା ପୂର୍ବରୁ କରାଯାଏ ଏବଂ ମହାଅଣସର ଯାହାକି ୪୫ଦିନ ପ୍ରତି ନବକଳେବର ପୂର୍ବରୁ ପାଳିତ ହୁଏ । ପ୍ରଥମଟିରେ ବିଗ୍ରହମାନଙ୍କର ପରିବର୍ତ୍ତନ ହୁଏ ନାହିଁ; କିନ୍ତୁ ଦ୍ୱିତୀୟଟିରେ ବିଗ୍ରହମାନଙ୍କର ପରିବର୍ତନ ହୁଏ ବୋଲି ଏହାକୁ ନବକଳେବର କୁହନ୍ତି ।

କୁହାଯାଇଛି : ଯଥା ଦେହେ, ତଥା ଦେବେ । ଜଗନ୍ନାଥ ଓଡ଼ିଆ ଜାତିର ପ୍ରାଣପିଣ୍ଡ । ସେ ଓଡ଼ିଆ ଜାତିର ନେତା, କର୍ତା ଏବଂ ତାଙ୍କଠି ମାନବତ୍ୱ ଆରୋପ କରାଯାଇଥିବାରୁ, ସେ ମାନବଙ୍କ ମଧ୍ୟରେ ଶ୍ରେଷ୍ଠ ବୋଲି ତାଙ୍କୁ ପୁରୁଷୋତମ କୁହାଯାଏ । ମାନବ ଜୀବନ, ଜନ୍ମ, ଯନ୍ତ୍ରଣା, ରୋଗ, ଶୋକ ଏବଂ ମୃତ୍ୟୁ ସହିତ ପୂର୍ବ ବିବନ୍ଧିତ । ଏଣୁ ଜଗନ୍ନାଥ ଯେତେବେଳେ ମାନବ ବୋଲି କଳ୍ପିତ, ତେଣୁ ସେ ଏଥିରୁ ବଞ୍ଚିତ ହେବେ କିପରି । ତାଙ୍କୁ ବି ମଣିଷପରି ସବୁଦଶା ଭୋଗିବାକୁ ପଡ଼ିବ। ଶରୀର ମାଦ୍ୟଂ ଖଳୁ ଧର୍ମ ସାଧନଂ ।

ସ୍ନାନ ଜନିତ ଜ୍ୱର ଯୋଗୁଁ ଠାକୁରମାନଙ୍କୁ ଅଣସର ଘରେ ପୂର୍ଣ୍ଣ ବିଶ୍ରାମ ଦିଆଯାଏ ଏବଂ ତାଙ୍କର ଚିକିତ୍ସା କରାଯାଏ । ଏହି ବିଶ୍ରାମ ବେଳେ ସମ୍ପୂର୍ଣ୍ଣ ନିରବତା ରକ୍ଷା କରିବାକୁ ଦରକାର ହୋଇଥାଏ । କୋଳାହଳ ଏବଂ ଶବ୍ଦ ଦୂରରେ ରଖିବାପାଇଁ ତାଙ୍କର ଏହି ଗୁପ୍ତ ପୂଜା କରାଯାଏ । ଏହି ପୂଜାର ଅଧିକାରୀ କେବଳ ଦଇତାପତିମାନେ । ସେ ଜଗନ୍ନାଥଙ୍କର ଜ୍ୱରକାଳୀନ ସେବା ଏବଂ ଚିକିତ୍ସା କରନ୍ତି । ପଣାପାଣି, ଜଙ୍ଗଲର ଫଳମୂଳ ଓ ଚେରମୂଳି ଇତ୍ୟାଦି ଦିଅନ୍ତି । ଅଣସର ଗୃହରେ ଜିଉମାନେ ପୂଜିତ ହେଲାବେଳେ ବାହାରେ ପଟିଦେବତା, ଦଶ ଅବତାର ଠାକୁରମାନେ ରୀତିନୀତି ଅନୁସାରେ ପୂଜିତ ହୁଅନ୍ତି । ଏହି ଦଶଅବତାର ପଟ୍ଟଚିତ୍ରମାନେ ହେଲେ- ଜଗନ୍ନାଥଙ୍କ ପ୍ରତୀକ : ଚତୁର୍ଭୁଜ ନାରାୟଣ ଏବଂ ତାଙ୍କ ସମ୍ମୁଖରେ କୃଷ୍ଣ ଓ ମଦନମୋହନ; ବଳଭଦ୍ରଙ୍କ ପ୍ରତୀକ ପଟ୍ଟଚିତ୍ର : ବାସୁଦେବ ଏବଂ ତାଙ୍କ ସମ୍ମୁଖରେ ଅବସ୍ଥାପିତ ରାମ, ନୃସିଂହ ଏବଂ ଦୋଳଗୋବିନ୍ଦ; ସୁଭଦ୍ରାଙ୍କ ପ୍ରତୀକ : ଭୁବନେଶ୍ୱରୀ ଏବଂ ତାଙ୍କ ସମ୍ମୁଖରେ ମହାଲକ୍ଷ୍ମୀ ଓ ଶ୍ରୀଦେବୀ (ସରସ୍ୱତୀ) ଇତ୍ୟାଦି । ଅଣସର ପରେ ଏହି ଦଶାବତାରମାନେ ତିନିରଥରେ ଆଡ଼ପ ମଣ୍ଡପକୁ ଯାତ୍ରା କରନ୍ତି । ଏଣୁ ଗୁଣ୍ଡିଚାର ଅନ୍ୟନାମ ଆଡ଼ପ ଯାତ୍ରା ଏବଂ ଦଶାବତାର ଯାତ୍ରା । ଅଣସର ବେଳେ ଜୀଉମାନେ ଦର୍ଶନ ହୋଇ ପାରୁନଥିବା ହେତୁ ଭକ୍ତମାନେ ବାହାରେ ଏହି ପଟିଦେବତାମାନଙ୍କୁ ହିଁ ଦର୍ଶନ କରିଥାଆନ୍ତି ।

ଅଣସର ଘରେ ଜିଉମାନଙ୍କୁ ଯେଉଁ ୧୫ଦିନ ରୁହନ୍ତି ସେଗୁଡ଼ିକର କାର୍ଯ୍ୟକ୍ରମକୁ ଏହି ମତେ ବର୍ଣ୍ଣନା କରାଯାଇଛି ।

**କରାଳକର୍ମ :** ଠାକୁରମାନଙ୍କର ମରାମତି ଏବଂ ଅଙ୍ଗଫିଟା କର୍ମ ବୋଲି ଏହାକୁ କୁହାଯାଏ । ଏହା ଆଷାଢ଼ ପ୍ରତିପଦରୁ ଚତୁର୍ଥୀଯାଏଁ ଚାଲେ । ଏହି କର୍ମରେ ଠାକୁରମାନଙ୍କର ଅଙ୍ଗର ବସ୍ତ୍ରକୁ ଉତାରି କରାଳକାମ କରାଯାଏ ବୋଲି ଦର୍ଶନ ନିଷେଧ । ଏହାକୁ ଗୁପ୍ତ ନୀତି ବା ସେବା କୁହାଯାଏ ।

**ଫୁଲୁରି ଓ ତେଲଲାଗି ସେବା :** ପଞ୍ଚମିରୁ ସପ୍ତମୀ ଯାଏଁ ଏହି ସେବା କରାଯାଏ । ଏହି ସେବାପାଇଁ ଆବଶ୍ୟକୀୟ ପଦାର୍ଥ ଯଥା ପିଙ୍ଗଳ, ପରଖ, ରାଶିତେଲ, ଚୂଆ ଏବଂ କର୍ପୂର ଇତ୍ୟାଦି ଯୋଗାଇଥାନ୍ତି ବଡ଼ ଓଡ଼ିଆ ମଠ । ଏସବୁ ମିଶ୍ରିତ କରାଇ ଠାକୁରମାନଙ୍କୁ ଲାଗି କରାଯାଏ । ଏହା ପୂର୍ବ ବର୍ଷ ହେରା ପଞ୍ଚମୀ ଠାରୁ ମାଟି ତଳେ ପୋତାହୋଇ ରଖାଯାଇଥାଏ ।

**ପଟ୍ଟବନ୍ଧନ ବା ଶ୍ରୀ କପଡା ଉତ୍ସବ :** ଏହା ଅଣସର ଅଷ୍ଟମୀରେ କରାଯାଏ । ଏହିଦିନ ଜୀଉମାନଙ୍କୁ କପଡ଼ା ବନ୍ଧନ / ମଣ୍ଡନ କରାଯାଏ ।

**ମସୃଣ ଲେପନ :** ଏହା ଅଣସରର ନବମୀଦିନ ପାଳିତ ହୁଏ । ଏହି ଦିନ ଜିଉମାନଙ୍କୁ ଚନ୍ଦନ, କର୍ପୂର, ରାଶିତେଲ ଏବଂ ଝୁଣା ଇତ୍ୟାଦି ଲେପନ କରାଯାଏ ।

**ଚକାବିଜେ :** ଏହା ଅଣସରରର ଦଶମୀ ଉତ୍ସବ । ଏହିଦିନ ତିନୋଟି ପଥର ଚକତି ଉପରେ ଜିଉମାନଙ୍କୁ ଅବସ୍ଥାପିତ କରି କସ୍ତୁରୀ, କୁଙ୍କୁମ ଇତ୍ୟାଦି ଲେପନ କରାଯାଏ । ଏହି ଚକତି ମଧ୍ୟରୁ ଗୋଟିକରେ ଶ୍ରୀ ଜଗନ୍ନାଥ ଏବଂ ସୁଦର୍ଶନ ଏବଂ ଅନ୍ୟ ଗୋଟିଏ ଲେଖାଏଁରେ ବଳଭଦ୍ର ଓ ସୁଭଦ୍ରା ଅବସ୍ଥାପିତ ହୁଅନ୍ତି ।

**ଚନ୍ଦନ ଲାଗି :** ଏହା ଅଣସରରେ ଏକାଦଶୀ ଦିନ ପାଳିତ ହୁଏ । ଏହି ଦିନ ଚନ୍ଦନ ସହ, କର୍ପୂର, ଚୂଆ ,କସ୍ତୁରୀ ଏବଂ କୁଙ୍କୁମ ଇତ୍ୟାଦି ମିଶ୍ରିତ ହୋଇ ଜୀଉମାନଙ୍କୁ ଲେପନ କରାଯାଏ । ଏଥିରେ ଚନ୍ଦନର ମାତ୍ରା ଅଧିକ ଥିବା ହେତୁ, ଏହାକୁ ଚନ୍ଦନ ଲାଗି କୁହନ୍ତି । ଖାଲି ସେତିକି ନୁହେଁ । ଜୀଉମାନଙ୍କ ଆରୋଗ୍ୟପାଇଁ ଦଶମୂଳ ମୋଦକ ମଧ୍ୟ ଲାଗିକରାଯାଏ ।

**ଓଷାଲାଗି:** ଏହା ଅଣସରର ଦ୍ୱାଦଶୀଦିନ କଥା । ଠାକୁରମମାନଙ୍କୁ ଚନ୍ଦନ ଇତ୍ୟାଦି ଲେପନ କରାଯାଇ ପ୍ରାସାଦ ବିଜେ କରାଯାଏ ।

**ଅଣସର ତ୍ରୟୋଦଶୀ :** ଏହିଦିନ ଜିଉମାନଙ୍କର ଘଣା ଲାଗି ଓ ପାଟବସ୍ତ୍ରର ପୟର ପୂଜା ହୁଏ ।

**ଅଣସର ଚତୁର୍ଦ୍ଦଶୀ :** ଏହିଦିନ ବନକ ଲାଗି କରାଯାଏ ଏବଂ ଚକା ଅପସର ନୀତି ହୁଏ । ଏହାହିଁ ଅଣସରର ଶେଷ ଦିବସ ।

**ଉଭା ଅମାବାସ୍ୟା :** ଏହା ଆଷାଢ଼ ଅମାବାସ୍ୟା କଥା । ଏହିଦିନ ଦର୍ଶନ ନିମନ୍ତେ ଠାକୁରମାନଙ୍କୁ ଉଭା କରାଯାଏ ବୋଲି , ଏହାର ନାମ ଉଭା ଅମାବାସ୍ୟା । ଏହିଦିନ ଜିଉମାନଙ୍କର ମଧ ନବଯୌବନ ଦର୍ଶନ କରାଯାଏ ।

**ନେତ୍ରୋତ୍ସବ :** ନବଯୌବନ ଦର୍ଶନର ଦୁଇଦିନ ପୂର୍ବରୁ ଜିଉମାନଙ୍କର ରଙ୍ଗ କାମ କରାଯାଏ । ହେଲେ ସେତେବେଳେ ଆଖିର ରଙ୍ଗ ସମ୍ପୂର୍ଣ୍ଣ କଳା କରାନଯାଇ କିଛି ବାକି ଛଡ଼ାଯାଇଥାଏ । ଏହା ଆଷାଢ଼ ଶୁକ୍ଳ ପ୍ରତିପଦା ଅର୍ଥାତ୍ ଶ୍ରୀଗୁଣ୍ଡିଚା ପୂର୍ବଦିନ ପୂର୍ଣ୍ଣହୁଏ । ଏଣୁ ଏହାର ନାମ ନେତ୍ରୋତ୍ସବ । ଏହା ପରଦିନ ଜିଉମାନେ ଗୁଣ୍ଡିଚା ବିଜେ କରନ୍ତି ।

**ଅନବସର ସଂପର୍କିତ କିଛି କାହାଣୀ -**

**କର୍ଣ୍ଣମାଗିରୀ :** କର୍ଣ୍ଣମାଗିରୀ ଜଣେ ବିଖ୍ୟାତ ତାନ୍ତ୍ରିକ । ସେ ଅଣସର ଘରର ରହସ୍ୟ ଜାଣିବା ପାଇଁ ଗୁପ୍ତରେ ଅନେକଥର ଅଣସର ଗୃହରେ ପ୍ରବେଶ କରିଥିଲେ ହେଁ ସେ ତାହାର ରହସ୍ୟ ଭେଦ କରିନପାରି ବାଉଳି ହୋଇଯାଇଥିଲେ । ଶେଷରେ ପ୍ରାଣ ବିକଳରେ ଅଣସର ଘରୁ ନିବୃତ୍ତି ନେଇ ରାଜାଙ୍କ ଶରଣାପନ୍ନ ହେଲେ ଏବଂ ତାଙ୍କ ଠାରୁ ଖଣ୍ଡିଏ ଜମି ମାଗି ପୁରୀରେ ମଠକରି ରହିଲେ ।

**ଅଲାରବନ୍ଧାଚାର୍ଯ୍ୟ :** ଇଏ ଜଣେ ମହାରାଷ୍ଟ୍ରୀ । ଅଣସର ସମୟରେ ପୁରୀଆସି ଜିଉମାନଙ୍କୁ ଦେଖା ନପାଇବାରୁ ପ୍ରାଣ ବିସର୍ଜନ ନିମନ୍ତେ ସମୁଦ୍ରକୁ ଯାଉଯାଉ ବ୍ରହ୍ମଗିରୀଠାରେ ପହଞ୍ଚିଗଲେ । ସେଠରେ ସେ କାଠରେ ଅଗ୍ନି ସଂଯୋଗକ କରି ଆତ୍ମଉତ୍ସର୍ଗପାଇଁ ଉଦ୍ୟତବେଳେ ଜଗନ୍ନାଥ ତାଙ୍କୁ ଏକ ପଙ୍ଗୁରୂପେ ଦେଖାଦେଇ ଅଣସର ଘରର ବୃତ୍ତାନ୍ତ କହିଲେ । ଏହି ଅଣସର ଦିବସରେ ଅଲାରବନ୍ଧାଚାର୍ଯ୍ୟ ଜଗନ୍ନାଥଙ୍କୁ ବ୍ରହ୍ମଗିରୀଠାରେ ଦେଖାପାଇଥିବାରୁ, ଏଠାରେ ଜଗନ୍ନାଥଙ୍କୁ ଅଲାରନାଥ ରୂପେ ପୂଜା କରାଯାଏ । ଅଣସର ବେଳେ ଭକ୍ତମାନେ ବ୍ରହ୍ମଗିରୀ ଆସି ଅଲାରନାଥ ଦର୍ଶନ କରନ୍ତି ।

**ରାଘବ ଦାସ :** ଅଣସର ସମୟରେ ମନ୍ଦିର ନିର୍ମାଣ ପାଇଁ ନରେନ୍ଦ୍ର ପୁଷ୍କରିଣୀ ନିକଟସ୍ଥ ଚାର ଗଣେଶଙ୍କ ପାଖରେ ଚାର ବନ୍ଧା ନିର୍ମାଣବେଳେ ଶବ୍ଦ ଓ ଗହଳି ଯୋଗୁଁ ଜିଉମାନଙ୍କର ଅଣସର ଜନିତ ବାଧା ସୃଷ୍ଟି ହୋଇଥିଲା। ତାହାର ପ୍ରତିକାର ସ୍ୱରୂପ ଚନ୍ଦନ ଲେପନ ରାଘବ ଦାସ ଏବଂ ଅନ୍ୟାନ୍ୟ ଶିଳ୍ପୀମାନେ କରିଥିବାରୁ, ସେହିଦିନଠାରୁ ଏହି ପ୍ରଥା ଚଳିଆସୁଛି ଓ ରାଘବ ଦାସ ମଠରୁ ଏକାଦଶୀ ଦିନ ସାଢ଼େ ସାତସେର ଚନ୍ଦନ ଆସି ଜିଉମାନଙ୍କୁ ଲାଗି ହେଉଛି।

**ମାଧବଦାସ :** ଏଇ ଜଣେ ଭକ୍ତ। ଅସୁସ୍ଥତା କାରଣ ହେତୁ କାହାକୁ କଷ୍ଟ ନ ଦେବାକୁ ଇଚ୍ଛା ନ କରି ସ୍ୱର୍ଗଦ୍ୱାରସ୍ଥ ଶ୍ମଶାନ ଘାଟରେ କାଳ ଯାପନ କରୁଥିଲେ । ସେଠାରେ ଜଗନ୍ନାଥ ଓ ବଳଭଦ୍ର ଦୁଇ ବାଳକ ରୂପରେ ଯାଇ ତାଙ୍କ ସେବା କଲେ । ସେ ଜିଉମାନଙ୍କର ପରିଚୟ ପାଇଲେ ଏବଂ ତାଙ୍କ ଠାରୁ ମୃତ୍ୟୁ କିମ୍ବା ଆରୋଗ୍ୟ ଭିକ୍ଷା କଲେ । ମାଧବ ଦାସ ଆରୋଗ୍ୟ ହେଲେ ଏବଂ ମନ୍ଦିରକୁ ଜିଉମାନଙ୍କର ଦର୍ଶନ ନିମନ୍ତେ ଆସିଲାବେଳକୁ ସେମାନେ ପୀଡ଼ିତ ଥାଇ ଅଣସର ଘରେ ସେବା ପାଉଛନ୍ତି ବୋଲି ଜାଣିଲେ। ସେ ଭାବିଲେ ବୋଧହୁଏ ଠାକୁରେ ତାଙ୍କ ସେବା କରି ଜ୍ୱରରେ କର୍ମକ୍ଳାନ୍ତ ଯୋଗୁଁ ପୀଡ଼ିତ ହୋଇଗଲେ । ଏହା ତାଙ୍କୁ ବାଧିଲା । ସେ ଚେତାହରାଇଲେ ଏବଂ ସ୍ୱର୍ଗପ୍ରାପ୍ତି ହେଲେ । ଏମିତି ଅନେକ କାହାଣୀ ଶୁଣାଯାଏ ଯାହାକି ଅଣସର ସମୟର ଚମତ୍କାରିତା ବିଷୟର ସୂଚିତ କରେ ।

ଅଣସର ମାନବୋଚିତୋ ସେବା, ଶୁଶ୍ରୁଷ, ବିଶ୍ରାମ, ରୋଗ, ପଥି ଏବଂ ପାଞ୍ଚନ ଇତ୍ୟାଦିର ଠାକୁରମାନଙ୍କର ଏକ ନୀତି । ସୁସ୍ଥ ଶରୀରରେ ଶ୍ରମ ସାଧନ ହିଁ କରାଯାଏ ଏବଂ ପୁନଃ ଏହି ସୁସ୍ଥତା କାର୍ଯ୍ୟକ୍ଷମ ପାଇଁ ଶକ୍ତି ଯୋଗାଏ, ନବ ଉନ୍ମାଦନା ଏବଂ ପ୍ରେରଣା ଦିଏ ତଥା ପ୍ରଫୁଲ୍ଲତା ଦିଏ । ପରାର୍ଥେ ଏ ଜୀବନ । ଦେହ ଥିଲେ କାହାର ସେବା କରିହେବ। ଏଣୁ ଦେହ ଆଗ । ପ୍ରଭୁମାନଙ୍କର ଅଣସର ସେବା ଏହି 'ଦେହ ଆଗ'ର ଏକ ନିର୍ଦ୍ଦେଶନ । ଏହି ଦଇତାମାନଙ୍କ ସେବା ମଧ୍ୟ ସୂଚେଇ ଦିଏ ସେ ଜାତି, ଭେଦ ଏବଂ ସ୍ପର୍ଶ ଅସ୍ପର୍ଶର ଉର୍ଦ୍ଧ୍ୱରେ, ସେ ସମସ୍ତଙ୍କର। ଏଥିପାଇଁ ତାଙ୍କର ଅଣସର ଓ ରଥଯାତ୍ରାର ଏକ ଅଭିନୟ କଳ୍ପନା ତା' ମାୟା ତାକୁ ହିଁ ଗୋଚର । ଜୟ ଜଗନ୍ନାଥ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

